## ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ, ମହିଳା ଗୁରୁତର

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ଖୁଣ୍ଟିବେଡା ନିକଟରେ ରବିବାର ସକାଳୁ ଭାରସାମ୍ୟ ହରାଇ ଏକ ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପ୍ରିୟଙ୍କା କୁମାରୀ ନାମ୍ନୀ ମହିଳା ଗୁରୁତର ହୋଇଥିବା ବେଳେ ଗାଡି ଚଳାଉଥିବା ତାଙ୍କ ସ୍ୱାମୀ ସୁବିର କୁମାର ଆହତ ହୋଇଛନ୍ତି। ପ୍ରିୟଙ୍କାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଜାମେସଦପୁରର ଭୁଆଁଡି ଗାଁରୁ ପୁରୀ ଅଭିମୁଖେ ଯାଉଥିବା ବେଳେ ସ୍କର୍ପିଓଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ସଂକ୍ଷେପରେ

### ଜଙ୍ଗଲରୁ ମିଳିଲା ଯୁବକଙ୍କ ଝୁଲନ୍ତା ମୃତଦେହ

ପାଟଣା,୧୯।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ମୃଷାଖୋରି ପଞ୍ଚାୟତ ଅନ୍ତର୍ଗତ କାଶିଆ ଜଙ୍ଗଲରୁ ଶନିବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ବଡ଼ ଧନୁର୍ଜୟପୁର ଗ୍ରାମର ସୁନିଲ ମହାନ୍ତ। ପାରିବାରିକ କଳହକୁ କେନ୍ଦ୍ରକରି ସୁନୀଲ ଆତ୍ମହତ୍ୟା କରିଥିବା ସୂଚନା ମିଳିଥିବା ବେଳେ ତଦନ୍ତ ଜାରି ଥିବା ଏସ୍‌ଆଇ ଶିବଶଙ୍କର ଅଲଦା କହିଛନ୍ତି। ପାଟଣା ପୋଲିସ ଅପମୃତ୍ୟୁ ମାମଲା (ନଂ.୪୧/୨୧) ରୁଜୁ କରିଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ୫ ଗୋରୁ ବୋଝେଇ ପିକଅପ ଜବତ, ୬ ଗିରଫ

ରାସଗୋବିନ୍ଦପୁର,୧୯।୧୨(ଡି.ଏନ.ଏ): ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଇଲାକାଧୀନ ଜଙ୍ଗଲିଆ ରାସ୍ତା ଦେଇ ଗୋରୁ ଚୋରା ଚାଲାଣ ହେଉଥିବାବେଳେ ପୋଲିସ ଶନିବାର ଅତର୍କିତ ଚଢ଼ଉ କରି ୫ ପିକ୍‌ଅପ୍ ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ଅନ୍ୟ ଦୁଇ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ହେଲେ ରୁପ୍‌ସା ଓ ବସ୍ତା ଥାନା ଅନ୍ତର୍ଗତ ସେକ ଆଜମେର, ସେକ ଇରଫାନ, ସେକ ମୋନାଲ, ମୁନା ଖାଁ, ସେକ ଜଲାଉଦିନ, ସେକ ଟୁନା। ଖବରରୁ ପ୍ରକାଶଯେ, ଶନିବାର ରାତ୍ରିକାଳୀନ ପାଟ୍ରୋଲିଂ ଚାଲିଥିବା ବେଳେ ଖବର ପାଇ ରାସଗୋବିନ୍ଦପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ, ସେକେଣ୍ଡ ଅଫିସର ଲକ୍ଷ୍ମୀପ୍ରିୟା ଲେଙ୍କା, ଏଏସଆଇ ପ୍ରକାଶ ନାୟକଙ୍କୁ ନେଇ ଏକ ଟିମ ଗଠନ କରି ଥାନାର ସୀମାନ୍ତବର୍ତ୍ତୀ ଅଞ୍ଚଳ ସୁବାନଡିହ ଛକ ନିକଟରେ ଜଗିରହିଥିଲେ। ରାତି ପ୍ରାୟ ୨ଟାରେ ଉକ୍ତ ରାସ୍ତା ଦେଇ ୫ଟି ଗୋରୁ ବୋଝେଇ ପିକଅପ ଆସୁଥିବା ବେଳେ ଚଢ଼ାଉ କରିଥିଲେ। ୧୧୪ ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ରାସଗୋବିନ୍ଦପୁର ପୋଲିସ ଏକ ମାମଲା (ନଂ.୨୭୩/୨୧) ରୁଜୁ କରି ଗୋରୁଙ୍କୁ ସ୍ଥାନୀୟ ପ୍ରାଣୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇ ମା'ଭାରତୀ ଗୋଶାଳା ବାମପଦା ବାଲେଶ୍ୱରକୁ ପଠାଇଛି।

### ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର

ବାହାନଗା,୧୯।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୂର ପଞ୍ଚାୟତର ବିଭିନ୍ନ ସ୍ଥାନରେ ୪୦ଲକ୍ଷ ୫୦ହଜାର ଟଙ୍କାରେ ହେବାକୁ ଥିବା ନୂତନ ପ୍ରକଳ୍ପଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟକ ପର୍ଶୁରାମ ଧଡ଼ା ମୁଖ୍ୟ ଅତିଥି ଭାବେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରଥମେ ଜୁଣିଆ ବଜାର ସ୍ଥିତ ନିଗମଜ୍ୟୋତି ଆଶ୍ରମର ବାବୁ ସେବା ସଦନର ନୂତନ ଗୃହ ଉଦ୍‌ଘାଟନ ହୋଇଥିଲା। ପରେ ପାଇକାସ୍ତା ଗ୍ରାମର ନୂତନ ପାଠାଗାରର ଲୋକାର୍ପଣ, ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହେବାକୁ ଥିବା ଦେଉଳା ପୋଖରୀର ପୁନରୁଦ୍ଧାର, ଜୁଣିଆଁ-ଫତେପୁର ନୂତନ ପକ୍କା ରାସ୍ତା ନିର୍ମାଣ, ପାଇକାସ୍ତା ଗାଁ ରାସ୍ତା ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, ସମିତିସଭ୍ୟାଙ୍କ ପ୍ରତିନିଧି ଅଶ୍ୱିନୀ ମହାପାତ୍ର, ବେଣୁଧର ଜେନା, ନୀଳାମ୍ବର ମହାଲିକ,ସବିତା ଅଗସ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ୪୦୨ ୟୁନିଟ୍ ରକ୍ତ ସଂଗ୍ରହ

ଜଳେଶ୍ୱର,୧୯।୧୨(ଡି.ଏନ.ଏ): ବାଲେଶ୍ୱର ଜିଲା ଜଳେଶ୍ୱର ପୌରାଞ୍ଚଳର ଝାଡେଶ୍ୱରପୁର ବୁଖାରୀବାବା ଅର୍ଡର ସପ୍ଲାୟର ପରିସରରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ମୁଖ୍ୟ ସେକ୍ ସାଜନ୍‌ଙ୍କ ଆବାହକତ୍ୱରେ ଜଳେଶ୍ୱର, ଭୋଗରାଇ,ବାଲିଆପାଳ ଓ ବସ୍ତା ଅଞ୍ଚଳରୁ ବହୁ ସ୍ୱେଚ୍ଛାସେବୀ ଆସି ରକ୍ତଦାନ କରିଥିଲେ। ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ରକ୍ତଦାନ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ଡ. ସ୍ୱରାଜ ମିଶ୍ର ଆଭାସି ଉଦ୍‌ଘାଟନ କରିଥିଲେ। ସେକ୍ ମୁସଲିମ ଓ ସେକ୍ ଇସ୍‌ଲାମ୍ ଉଭୟେ ଏରି ରକ୍ତଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରକ୍ତଦାତା ସଂଘର ଜିଲା ସଭାପତି କମଳ ଚକ୍ରବର୍ତ୍ତି, ଉପସଭାପତି ସୁବ୍ରତ ରଣା, ଲକ୍ଷ୍ମୀଧର ବାରିକ, ସମ୍ପାଦକ ଇଂ. ହୃଷିକେଶ ସାହୁ, ସଂଗଠନର ସମ୍ପାଦକ ମନୋରଞ୍ଜନ ଦାସ, ସତ୍ୟବ୍ରତ ପ୍ରଧାନ, ମଧୁସୂଦନ ଗିରି, ଜାହିରା ବିବି, ନବେନ୍ଦୁ ପ୍ରଧାନ, ନିତାଇଲାଲ ଦେ, ଚନ୍ଦ୍ରମୋହନ ରାଉଳ, ମେ ଆଇ ହେଲ୍ପ୍ୟୁ ସଂଗଠନର ସଭ୍ୟମାନେ ଉପସ୍ଥିତ ଥିଲେ। ମୋଟ ୪୦୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ରକ୍ତଦାତା ସଂଘର ସଭାପତି କହିଛନ୍ତି।

# କେନ୍ଦୁଝରରେ ୬୫୪ ଶିକ୍ଷକ ପଦବୀ ଖାଲି

### ଜିଲାରେ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

କେନ୍ଦୁଝର,୧୯।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଶିକ୍ଷକ ଅଭାବ ଯୋଗୁ ୨୦୮ଟି ସରକାରୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକ ପଦବୀ ଖାଲି ରହିଛି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ସରକାରୀ ବିଦ୍ୟାଳୟଗୁଡ଼ିକରେ ସଂସ୍କୃତ ଶିକ୍ଷକମାନେ ବିଜ୍ଞାନ ପଢ଼ାଉଥିବାବେଳେ କ୍ରୀଡ଼ା ଶିକ୍ଷକ ଇତିହାସ, ଭୂଗୋଳ, ଗଣିତ, ହିନ୍ଦୀ ପଢ଼ାଉଛନ୍ତି। ମୋଚିବନ୍ଧ ସରକାରୀ ହାଇସ୍କୁଲରେ କ୍ରୀଡ଼ା ଶିକ୍ଷକ ଇତିହାସ ଓ ଭୂଗୋଳ ପଢ଼ାଉଛନ୍ତି। ୨୦୨୧ ନଭେମ୍ବର ୩୦ ତାରିଖ ସୁଦ୍ଧା ୬୫୪ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସୂଚନା ଅନୁଯାୟୀ, ଜିଲାରେ ୪୯ ପ୍ରଧାନଶିକ୍ଷକ, ବିଜ୍ଞାନ(ପିସିଏମ) ଶିକ୍ଷକ ୭୩, ବିଜ୍ଞାନ(ସିବିଜେଡ୍) ଶିକ୍ଷକ ୭୫,୧୫୧ କଳା ଶିକ୍ଷକ, ଆଇଏସିଟି ୧୭, ତାଲିମପ୍ରାପ୍ତ ମାଟ୍ରିକ ୧୭, ସଂସ୍କୃତ ଶିକ୍ଷକ ୭୮, ହିନ୍ଦୀ ଶିକ୍ଷକ ୧୧୪, ଖେଳ ଶିକ୍ଷକ ୮୦ ଏପରି ମୋଟ ୬୫୪ ଶିକ୍ଷକ ପଦବୀ ଖାଲି ରହିଛି। ୧୭୪୮ମଞ୍ଜୁରୀପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରୁ ୧୦୯୪ ଜଣ ଶିକ୍ଷକ ଅଛନ୍ତି। ସେହିପରି ମଞ୍ଜୁରୀପ୍ରାପ୍ତ ୨୦୨କିରାଣୀ ପଦବୀରୁ ୯୯ଜଣ କାମ କରୁଥିବାବେଳେ ୧୦୩ ପଦବୀ ଖାଲିପଡ଼ିଛି। ୪୬୧ମଞ୍ଜୁରୀପ୍ରାପ୍ତ ପିଅନ ପଦବୀ ମଧ୍ୟରୁ ୨୧୬ଜଣ କାମ କରୁଥିବାବେଳେ ୨୪୫ଟି ପଦବୀ ଖାଲି ପଡ଼ିଛି। ୧୯୭ ମଞ୍ଜୁରୀପ୍ରାପ୍ତ ରାତ୍ର ଜଗୁଆଳି ଓ ଝାଡୁଦାର ପଦବୀରୁ ୧୦୮ଜଣ କାମ କରୁଥିବାବେଳେ ୮୯ଟି ପଦବୀ ଖାଲିପଡ଼ିଛି। ମୋଟ ୮୬୦ଜଣ ଅଣଶିକ୍ଷକ ପଦବୀ ମଧ୍ୟରୁ ୪୨୫ଜଣ କର୍ମଚାରୀ କାମ କରୁଥିବାବେଳେ ୪୩୫ ପଦବୀ ଖାଲି ପଡ଼ିଛି। ଏଣୁ ତୁରନ୍ତ ନିଯୁକ୍ତି ଦେବାକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଓଷ୍ଟାର ରବୀନ୍ଦ୍ର କୁମାର ପଣ୍ଡା କହିଛନ୍ତି ।

୫ଟି ଅନ୍ତର୍ଗତ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ କେନ୍ଦୁଝରରେ ୧୦୦ଟି ସରକାରୀ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ କରାଯାଇଛି। ମାତ୍ର ଏହି ବିଦ୍ୟାଳୟରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଆଉ କିଛି ମାସ ପରେ ମାଟ୍ରିକ ବୋର୍ଡ ପରୀକ୍ଷା ହେବାକୁ ଥିବାବେଳେ ଶିକ୍ଷକ ସମସ୍ୟା ଛାତ୍ରୀଛାତ୍ରଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଝୁମ୍ପୁରା ବ୍ଲକ ନୟାଗଡ଼ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜଣେ ହେଲେ ଶିକ୍ଷକ ନ ଥିବାରୁ ପାଠପଢ଼ା ବ୍ୟାହତ ହେଉଛି। ଏଠାରେ ଏବେ ପ୍ରାଥମିକ ଶିକ୍ଷକ ହାଇସ୍କୁଲରେ ପାଠ ପଢ଼ାଉଛନ୍ତି। ଓଡ଼ିଶା ସରକାର ଗତ ମାର୍ଚ୍ଚ ମାସରେ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ପାଠ ପଢ଼ିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଇଞ୍ଜିନିୟରିଂ ଓ ଡାକ୍ତରୀ ପାଠ୍ୟକ୍ରମ ପାଇଁ ହେଉଥିବା ପରୀକ୍ଷାରେ ୧୫ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିବାବେଳେ କେଉଁ ଭରସାରେ ଅଭିଭାବକମାନେ ସେମାନଙ୍କର ପିଲାଙ୍କୁ ଏହି ସରକାରୀ ବିଦ୍ୟାଳୟକୁ ପଠାଇବେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି, ଖାଲଥିବା ପଦବୀଗୁଡ଼ିକ ପୂରଣ କରିବା ନେଇ ପଦକ୍ଷେପ ନିଆଯାଉଛି।

# ଦିନରେ ଫେରି, ରାତିରେ ଚୋରି



ଧରାପଡ଼ିଥିବା ୨ ଚୋର ଓ ଜବତ ସାମଗ୍ରୀ ସମ୍ପର୍କରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

- ୨ ଗିରଫ
- ୧.୫ଲକ୍ଷ ଟଙ୍କା ସହ ୫ଲକ୍ଷ ଟଙ୍କାର ଅଳଙ୍କାର ଜବତ

ଖଇରା/ଔପଦା୧୯।୧୨(ଡି.ଏନ.ଏ)

ବାଲେଶ୍ୱର ଜିଲା ଔପଦା ଥାନା ଅଞ୍ଚଳରେ ୨ଚୋରଙ୍କୁ ଧରି ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ୫ଦିନ ଧରି ଖୋଳତାଡ଼ ପରେ ସେମାନଙ୍କଠାରୁ ନଗଦ ୧.୫ଲକ୍ଷ ଟଙ୍କା ଓ ୫ଲକ୍ଷ ଟଙ୍କାର ଅଳଙ୍କାର ଉଦ୍ଧାର କରାଯାଇଛି। ରବିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଜଗତସିଂପୁର ଜିଲା ନାଉଗାଁ ଥାନା ଗଜରାଜପୁର ଗ୍ରାମର ବିଜୟ କୁମାର ଓରଫ ବାଲୁକେଶ୍ୱର ପରିଡ଼ା ଓ ଭଦ୍ରକ ଜିଲା ତିହିଡି ଥାନା ଶଙ୍ଖଡ଼ା ଗ୍ରାମର ପ୍ରସନ୍ନ କୁମାର ଜେନା। ଏହି ୨ଜଣ ଅନ୍ୟ କିଛି ସହଯୋଗୀଙ୍କ ସହ ମିଶି ଦିନରେ ଫେରିବାଲା ଭାବେ ଗାଁରେ ଜିନିଷ ବିକି ରାତିରେ ଚୋରି କରୁଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ପାଟପୁର ଗ୍ରାମର ପ୍ରଶାନ୍ତ ନାୟକ, ରଞ୍ଜା ନାୟକ ଓ ଦୁକଣ୍ଠ ଖଇରା ଗ୍ରାମର ରମାକାନ୍ତ ମହାପାତ୍ରଙ୍କ ଘରୁ ଚୋରି ହେବା ନେଇ ଥାନାରେ ମାମଲା (ନଂ.୯୭,୯୮ ଓ ୯୯/୨୧) ରୁଜୁ ହୋଇଥିଲା ବେଳେ ପୋଲିସକୁ ସଫଳତା ମିଳି ପାରି ନ ଥିଲା। ୧୫ତାରିଖ ସନ୍ଧ୍ୟାରେ ବିନୋଦ ପାତ୍ରଙ୍କ ଅନୁପସ୍ଥିତିରେ ଚୋରମାନେ ତାଙ୍କ ଗ୍ରୀଲ କାଟି ଘରେ ପଶି ଚୋରି କରୁଥିବା ବେଳେ ଗ୍ରାମବାସୀ ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ କାବୁ କରିଥିଲେ। ଅନ୍ୟମାନେ ଫେରାର ହୋଇଯାଇଥିବା ନିଳଗିରି ଏସ୍‌ଡିପିଓ ରିତେଶ କୁମାର ମହାପାତ୍ର ଓ ଥାନା ଅଧିକାରୀ ସାଲଖାନ୍ ମୁର୍ମୁ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନଙ୍କ ନାମରେ ବାଲେଶ୍ୱର ସମେତ ମୟୂରଭଞ୍ଜ ଓ ଭଦ୍ରକ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ଏସ୍‌ଡିପିଓ ମହାପାତ୍ର ପ୍ରକାଶ କରିଛନ୍ତି ।

# ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ



ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗକାରୀଙ୍କ ପରିବାର ଲୋକେ।

ଭଦ୍ରକ ଅଫିସ, ୧୯।୧୨

ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗୋଟିଏ ପକ୍ଷ ଅପରପକ୍ଷଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଶନିବାର ଅଭିଯୋଗକାରୀଙ୍କ ସମେତ ପରିବାର ଲୋକେ ନ୍ୟାୟ ପାଇଁ ଭଦ୍ରକ ଜିଲା ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଧୁଷୁରୀ ଥାନା ଅଧୀନ ପଙ୍ଗଟା ଗ୍ରାମର ନେତ୍ରମଣି ଶଙ୍ଖୁଆ ସପରିବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ, ପୂର୍ବଶତ୍ରୁତାକୁ ନେଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ପରିବାର ସହ ଗଣ୍ଡଗୋଳ ଘଟିଥିଲା। ବାଛୁରୀ ଗଛ ଖାଇବାରୁ ଗତ ୧୪ ତାରିଖରେ ତାଙ୍କ ନାତୁଣୀ ସୁଜାତାଙ୍କୁ ପ୍ରତିପକ୍ଷ ଲୁହାରଡ଼ରେ ଆକ୍ରମଣ କରିଥିଲେ। ଏନେଇ ସୁଜାତାଙ୍କ ଅଭିଯୋଗ କ୍ରମେ ପୋଲିସ ୩ ଜଣଙ୍କ ନାଁରେ ମାମଲା (ନଂ.୨୯୬/୨୧) ରୁଜୁ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ପରେ ଅଭିଯୁକ୍ତମାନେ ପୁଣି ତାଙ୍କ ପୁଅ ପ୍ରଶାନ୍ତ ଶଙ୍ଖୁଆ ଓ ବୋହୂ ଅନିତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗୁରୁତର ଅନିତା କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ନେତ୍ରମଣି ଓ ତାଙ୍କ ପରିବାର ଲୋକେ ଏସ୍‌ପି ଚରଣ ସିଂ ମୀନାଙ୍କ ନିକଟରେ ଦାବି କରିଛନ୍ତି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଶ୍ୱରଞ୍ଜନ କେରକେଟା ଘଟଣାର ନିରପେକ୍ଷ ତଦନ୍ତ କରି ପଦକ୍ଷେପ ନେବେ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

# ବିସ୍କୁଟ ଖାଇ ୮ଘଣ୍ଟା ମନ୍ତ୍ରୀଙ୍କୁ ଅପେକ୍ଷା କଲେ ଛାତ୍ରୀଛାତ୍ର

ସିମୁଳିଆ,୧୯।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ କଲେଜରେ ଶୁକ୍ରବାର ମାକ୍ସ ବଣ୍ଟନ ଓ ବିଜ୍ଞାନାଗାର ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ଥିଲା। ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ତେବେ ୧୨ଟାରେ କାର୍ଯ୍ୟକ୍ରମ ଥିବାରୁ ସେହି ଅନୁସାରେ ଛାତ୍ରୀଛାତ୍ରଙ୍କୁ ସକାଳ ୮ଟା ସୁଦ୍ଧା କଲେଜରେ ପହଞ୍ଚିବା ପାଇଁ ସୂଚନା ଦିଆଯାଇଥିଲା । ଛାତ୍ରୀଛାତ୍ର ବୋର୍ ନ ହେବା ପାଇଁ ପିଲାମାନଙ୍କ ଦ୍ୱାରା ନାଚଗୀତ କରାଯାଇଥିଲା। ପିଲାମାନେ କାଳେ ଚାଲିଯିବେ, ସେଥିପାଇଁ ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ଗେଟରେ ଜଗି ରହିଥିଲେ । ମଧ୍ୟାହ୍ନ ଅତିକ୍ରାନ୍ତ ପରେ ଛାତ୍ରୀଛାତ୍ରଙ୍କୁ ବିସ୍କୁଟ ଓ ପରେ ସେଓ ପ୍ରଦାନ କରାଯାଇଥିଲା। ଅପରାହ୍ନ ୪ଟାପରେ ମନ୍ତ୍ରୀ କଲେଜରେ ପହଞ୍ଚିଥିଲେ।

# ଚାରାରୋପଣ, ପୋଷାକ ବିତରଣ



ଆଶ୍ରମର ଅନ୍ତେବାସୀଙ୍କ ସହିତ ପ୍ରୁଫ କର୍ମଚାରୀ।

### ପ୍ରୁଫ୍ କର୍ମଚାରୀଙ୍କ ସେବାମୂଳକ କାର୍ଯ୍ୟ

ବାଲେଶ୍ୱର ଅଫିସ,୧୯।୧୨

ବାଲେଶ୍ୱର ପ୍ରୁଫ କର୍ମଚାରୀ ଋଣ ସମବାୟ ସମିତି ପକ୍ଷରୁ ସାମାଜିକ ସେବା ମୂଳକ କାର୍ଯ୍ୟକ୍ରମରେ ଡୁଡ଼ିଗଡ଼ିଆ, ଡଗରପଡ଼ା ସ୍ଥିତ ବିବେକଭାରତୀ ସେବାଶ୍ରମରେ ବୃକ୍ଷରୋପଣ ଓ ଗୋ ସେବା କାର୍ଯ୍ୟକ୍ରମ କରାଯାଇଛି। ଆଶ୍ରମର ଅନ୍ତେବାସୀ ଅନାଥ ବିଦ୍ୟାର୍ଥୀଙ୍କୁ ପୋଷାକ ବିତରଣ ଏବଂ ସେମାନଙ୍କ ଆବଶ୍ୟକତାକୁ ଦୃଷ୍ଟି ରଖି ରୋଷେଇ ଉପକରକ ମଧ୍ୟ ଦିଆଯାଇଛି। ଏହି ଅବସରରେ ସେବାଶ୍ରମ ଛାତ୍ରମାନଙ୍କ ମଧ୍ୟରେ ଜ୍ଞାନ ପ୍ରତିଯୋଗିତା ଓ ଯୋଗକୌଶଳ ପ୍ରଦର୍ଶନ କରାଯାଇ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରମାଣ ତଥା ପ୍ରାୟୋଗିକ ସ୍ଥାପନା (ପିଏକ୍ସଇ), ଚାନ୍ଦିପୁରର ନିର୍ଦ୍ଦେଶକ ଦତ୍ତାତ୍ରୟ କ୍ରିଷ୍ଣରାଓ ଯୋଶୀ ବୈଜ୍ଞାନିକ 'ଜି' ଯୋଗ ଦେଇଥିଲେ। ପ୍ରୁଫ କର୍ମଚାରୀ ଋଣ ସମବାୟ ସମିତିର ସମ୍ପାଦକ ପୁରୁଜିତ କରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ସମିତିର ସଦସ୍ୟ ଡ. ହିମାଂଶୁ ଶେଖର ପଣ୍ଡା, ଅଭୀକ ଦତ୍ତ, ଦୀପକ ଦାସ, ରବି ନାରାୟଣ ମିଶ୍ର, ରଞ୍ଜନ କୁମାର ବାରିକ, ତାପସ କୁମାର ପାଲ, ଅଭ୍ୟୁଦୟ ଦାସ, ସଞ୍ଜୟ ଦାଶ, ସୁଦୀପ ରାଉତ, ରବି ନାରାୟଣ ସାହୁ, ପିଙ୍କି ସିଂ, ଚନ୍ଦନ ଗିରି, ଗିରିଜା ପାଣିଗ୍ରାହୀ, ଜିତେନ୍ଦ୍ର କୁମାର, ଅନିତା ପରିଡ଼ା, ସୁସ୍ମିତା ସିଂ ପ୍ରମୁଖ ଯୋଗଦେଇଥିଲେ। ଏହିପରି ସେବା ମୂଳକ କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି ସମିତିର ଉପଦେଷ୍ଟା ବନମାଳୀ ଜେନା ପ୍ରକାଶ କରିଛନ୍ତି।

# ଧରାପଡ଼ି ନିର୍ଘୂମ ଛେଚା ଖାଇଲେ

### ଡମ୍ବରରୁ ବ୍ୟାଟେରି ଚୋରି

ସଜନାଗଡ଼,୧୯।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ମିତ୍ରପୁର ଅଞ୍ଚଳରେ ୨ ବ୍ୟାଟେରି ଚୋରଙ୍କୁ ଧରି ସ୍ଥାନୀୟ ଲୋକେ ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେବା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ରବିବାର ଭୋର ସମୟରେ ୨ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ମଛୁଆ ଅଞ୍ଚଳର କମଳାକାନ୍ତ ପ୍ରଧାନଙ୍କ ବାଡ଼ିରେ ଛିଡ଼ା ହୋଇଥିବା ଡମ୍ବରରୁ ବ୍ୟାଟେରି ଚୋରି କରୁଥିଲେ। ଏହା ଦେଖି କମଳାକାନ୍ତ ଡାକ ପକାଇବାରୁ ସ୍ଥାନୀୟ ଲୋକେ ପହଞ୍ଚି ଦୁର୍ବୃତ୍ତ ଦ୍ୱୟଙ୍କୁ କାବୁ କରିବା ସହ ନିର୍ଘୂମ ମାଡ଼ ମାରିଥିଲେ। ପରେ ଉଭୟଙ୍କୁ ପୋଲିସ ଜିମା ଦିଆଯାଇଥିଲା। ନୀଳଗିରି ଥାନାରେ ଏନେଇ ଏକ ମାମଲା (ନଂ.୩୮୦/୨୧ ) ରୁଜୁ ହେବା ସହ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଦ୍ୱୟ ନୀଳଗିରି ଥାନା ଅଧୀନ କାହାଲିଆ ଗ୍ରାମର କାଠିଆ ମହଲ ଓ ରାଜନଗର ଗ୍ରାମର ଅଜୟ ସିଂ ବୋଲି ଜଣାପଡ଼ିଛି।



ଧରାପଡ଼ିଥିବା ଦୁଇ ଯୁବକ।

ସେହିପରି ନୀଳଗିରି ଥାନା ଖିପଦା ଗ୍ରାମର ବଳରାମ ପୁଟି ଚୋରି ଛେଳିକୁ କିଣି ଚଢ଼ା ଦରରେ ବିକ୍ରି କରୁଥିବା ନେଇ ତାଙ୍କୁ ମାଡ଼ ମାରିଥିବା ସୂଚନା ମିଳିଛି। ପରେ ପୋଲିସ ପହଞ୍ଚି ବଳରାମଙ୍କୁ ଉଦ୍ଧାର କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୩୮୧/୨୧) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ମଦ ଚାଲାଣ, ୨ ଗିରଫ

ଭଦ୍ରକ ଅଫିସ, ୧୯।୧୨

ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଶନିବାର ବିଳମ୍ବିତ ରାତିରେ ବିଦେଶୀ ମଦ ବୋଝେଇ ଏକ ଚାରିଚକିଆ ଗାଡ଼ି ଜବତ କରିଛି। ଏଥିସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଆରଡ଼ି ଛକ ନିକଟସ୍ଥ ବିନାୟକ କଲେଜ ସମ୍ମୁଖରେ ପାଟ୍ରୋଲିଂ ସମୟରେ କଳା ରଙ୍ଗର ଉକ୍ତ ଗାଡ଼ି (କ୍ରେଟା)କୁ ଅଟକାଇ ପୋଲିସ ଯାଞ୍ଚ କରିଥିଲା। ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ବୋତଲ ବୋଝେଇ ହୋଇ ଭଦ୍ରକ ଅଭିମୁଖେ ଆସୁଥିବା ପୋଲିସ ଜାଣିବାକୁ ପାଇଥିଲା। ଗିରଫ ଦୁଇଜଣ ହେଲେ ବିହାରର ବିନୟ ପ୍ରସାଦ ଓ ବାଲେଶ୍ୱର ଜିଲା ଅଡ଼ା ଅଞ୍ଚଳର ଧରଣୀଧର ବେହେରା। ଏନେଇ ଥାନାରେ ମାମଲା (ନଂ.୫୨୪/୨୧) ରୁଜୁ ହୋଇଛି।

# ଗିରିଜା ସଭାପତି, ରଣଜିତ ସମ୍ପାଦକ

## ଷ୍ଟେଶନ କ୍ଲବର ନୂଆ କର୍ମକର୍ତ୍ତା ଚୟନ




ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଅଫିସ,୧୯।୧୨

ବାଲେଶ୍ୱର ଷ୍ଟେଶନ କ୍ଲବର ଦ୍ୱିବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଆସନ୍ତା ୨ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଆୟୋଜିତ ସମ୍ମିଳନୀରେ କ୍ଲବର ସଭାପତି ଅୟନ କୁମାର ସେନ ଅଧ୍ୟକ୍ଷତା କରିଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର ସର୍ବପୁରାତନ ଏହି କ୍ଲବର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିବା ସହିତ ବିଧାୟକ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିବା ଯୋଗ ଶିକ୍ଷା କେନ୍ଦ୍ରକୁ ତୁରନ୍ତ କାର୍ଯ୍ୟ ଶେଷ ପାଇଁ କହିଥିଲେ। କ୍ଲବର ଅଧିକ ଉନ୍ନତିକରଣ କାର୍ଯ୍ୟ ପାଇଁ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ସହାୟତାର ହାତ ବଢ଼ାଇବେ ବୋଲି କହିଥିଲେ।

କୋଭିଡ୍ କଟକଣା ମଧ୍ୟରେ କ୍ଲବ ପରିସରରେ ଆସନ୍ତା ୨୦୨୨–୨୩ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ଗିରିଜା ଶଙ୍କର ଦାସ, ସମ୍ପାଦକ ରଣଜିତ ବିହାରୀ ଦାସ, କୋଷାଧ୍ୟକ୍ଷ ଅକ୍ଷୟ କିଶୋର ଦାସ, ଉପସଭାପତି ଅଜିତ କୁମାର ଦତ୍ତ ଏବଂ ଯୋଗେଶ ଚନ୍ଦ୍ର ମହାନ୍ତି, ସହ–ସମ୍ପାଦକ ଭାବେ ବିଷ୍ଣୁ ଖଣ୍ଡେଲୱାଲଙ୍କ ସମେତ ୧୧ଜଣଙ୍କୁ ସ୍ୱତନ୍ତ୍ର ସଦସ୍ୟ ଭାବରେ ମନୋନୀତ କରାଯାଇଛି। ଅଜିତ କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଁ ମୁହାଁ ଗୋଠଛଡ଼ା ଦନ୍ତା

### ବେତନଟୀ ରେଞ୍ଜରେ ୪୦ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡୀ ହାତୀ

ବାରିପଦା ଅଫିସ,୧୯।୧୨

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଧୀନ ଫୁଲଝରୀ ଓ ଦଲକି ସଂରକ୍ଷିତ ଜଙ୍ଗଲରେ ୪୦ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡୀ ହାତୀପଲ ରହିଛନ୍ତି। ଦୁଇ ଦଳରେ ବିଭକ୍ତ ହୋଇ ଜଙ୍ଗଲରେ ରହୁଥିବା ବେଳେ ରବିବାର ଗୋଠଛଡ଼ା ଦନ୍ତା ହାତୀଟି ଗାଁ ଗଣ୍ଡାରେ ପ୍ରବେଶ କରିଛି। ଫଳରେ ଆଖପାଖ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଲୋକେ ରାତି ଅନିଦ୍ରା ହୋଇ ଜଗୁଛନ୍ତି। ବନ ବିଭାଗ ପକ୍ଷରୁ ହାତୀର ଗତିପଥ ପ୍ରତି ସତର୍କ ଦୃଷ୍ଟି ଦିଆଯାଉଥିବା ବେଳେ ଲୋକଙ୍କୁ ସଚେତନ କରାଯାଉଥିବା ରେଞ୍ଜର ଘନଶ୍ୟାମ ସିଂ କହିଛନ୍ତି।

ପ୍ରକାଶ ଯେ, ପ୍ରତିବର୍ଷ ଭଳି ଝାଡ଼ଖଣ୍ଡରୁ ଆସୁଥିବା ହାତୀପଲ ବେତନଟୀ ରେଞ୍ଜ ଦେଇ ନୀଳଗିରି ଅଭିମୁଖେ ଯାଇଥାନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ହାତୀପଲ ଦୁଇଟି ଦଳରେ ବିଭକ୍ତ ହୋଇ ଓଡ଼ିଶାରେ ପ୍ରବେଶ କରିଛନ୍ତି। ମୁକ୍ତାପୁର ଜଙ୍ଗଲ ପାର୍ ହୋଇ ଫୁଲଝରୀରେ ୩୦ଟି ହାତୀ ରହିଥିବା ବେଳେ ଅବଶିଷ୍ଟ ଦଳକି ଜଙ୍ଗଲରେ ରହିଛନ୍ତି। ରବିବାର ଦିନ ବେଳେ ହାତୀପଲ ୧୮ନଂ. ଜାତୀୟ ରାଜପଥ ଓ ରେଳଧାରଣା ଦେଇ ଅତିକ୍ରମ କରିଛନ୍ତି। ମୁଖ୍ୟ ଦଳରୁ ଅଲଗା ହୋଇ ଦନ୍ତାହାତୀଟି ନଡ଼ପୁର ସରସ୍ୱତୀ ଶିଶୁମନ୍ଦିର ପରିସରରେ ବିଚରଣ କରିଥିଲା। ଆଗ୍ରିଆ–ନଡ଼ପୁର ରାସ୍ତାରେ ଅଟକି ରହିବାରୁ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ସଞ୍ଜ ନଇଁଲେ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଚଳପ୍ରଚଳ କରିଥାନ୍ତି। ବାତ୍ୟା ପାଇଁ ଚାଷୀମାନେ ଆଗୁଆ ଫସଲ ଅମଳ କରିଥିବାରୁ କ୍ଷେତରେ ପାଚିଲା ଧାନ ନ ପାଇ ଗ୍ରାମାଭିମୁଖୀ ହେବାର ଅନୁମାନ କରାଯାଇଛି। ଖଳାରେ ଗଦା ହୋଇଥିବା ଧାନକୁ ଖାଇବା ସହ ଘରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଥାନ୍ତି। ଫଳରେ ଚାଷୀ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିଥିବା ବର୍ଷତମାମ ଫସଲ ବଣୁଆ ହାତୀଙ୍କ ମୁହଁରେ ପଡ଼ିଥାଏ। ସେହିପରି ଶୀତଦିନେ ହେଉଥିବା ପନିପରିବା ଫସଲକୁ ଖାଇବା ସହ ବ୍ୟାପକ ନଷ୍ଟ ମଧ୍ୟ କରିଥାନ୍ତି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ହାତୀପଲଙ୍କ ଚଲାପଥ ବଦଳାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଗାଁରେ ବୁଲୁଥିବା ଗୋଠଛଡ଼ା ଦନ୍ତା।

### ହାତୀ ଉପଦ୍ରବରେ ଭାଙ୍ଗିଲା ଘର

ପାଟଣା,୧୯।୧୨ (ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ୍‌ରେ ୨୬ ଟିକିଆ ବଣୁଆ ହାତୀପଲ ମାତିଛନ୍ତି। ଶନିବାର ବିଳମ୍ବିତ ରାତିରେ ପାଟଣା ସେକ୍ସନ କେନ୍ଦେଇପଶି ବିଟ ଶ୍ୟାମସୁନ୍ଦରପୁରର ଗୁଣମଣୀ ବେହେରାଙ୍କ ପ୍ରଧାନମନ୍ତ୍ରୀ ଆବାସ ଛାତ ଗୃହ, ବଡ଼ଗମ୍ଭାରୀଆ ଗାଁର ପ୍ରଫୁଲ ମୁଣ୍ଡାଙ୍କ ଖପର ଘର ଭାଙ୍ଗି ଦେଇଛନ୍ତି। ଅନୁରୂପ ଭାବେ ସଦର ରେଞ୍ଜ ଜଡିଚାତର ଗାଁରେ ୫ଟି ଘରକୁ ହାତୀ ଭାଙ୍ଗି ଦେଇଛନ୍ତି।ଏଥି ସହ ଅମଳ ପାଇଁ ରଖା ଯାଇଥିବା ଶହ ଶହ ଧାନ କଳେଇ ବିଡାକୁ ଖାଇ ନଷ୍ଟ କରିଦେଇଛନ୍ତି। ହାତୀ ରବିବାର ସଦର ରେଞ୍ଜ ମୈଦାନ କେଲ ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଥିବା ରେଞ୍ଜର ଟିକେଶ୍ୱର ମହାନ୍ତ କହିଛନ୍ତି। ତେବେ ବନ ବିଭାଗ ହାତପଲଙ୍କ ଗତିପଥ ଉପରେ ନଜର ରଖିଛି।

## ଇଟାଭାଟି ଶ୍ରମିକଙ୍କ ମୃତ୍ୟୁ

ଜଳେଶ୍ୱର,(ଡି.ଏନ.ଏ): ବାଲେଶ୍ୱର ଜିଲା କମର୍ଦ୍ଦା ଥାନା ଅନ୍ତର୍ଗତ ନିଜାମପୁର ଗ୍ରାମରେ ଥିବା ଏକ ପାଉଁଶ ଇଟାଭାଟିରେ କାମ କରୁଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେହେଲେ ଡେଡ଼ଁର ଗାଁର ଜୟନାରାୟଣ ଗିରିଙ୍କ ପୁଅ ଅର୍ଦ୍ଧେନ୍ଦୁ ଇଟାଭାଟି ମିଶ୍ରଣ ଯନ୍ତ୍ରରେ ପଡ଼ି ସେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଜିକେଭଙ୍ଗର ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଜଳେଶ୍ୱର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ନେତୁଆ-ଆଡ଼ିନଗା ରାସ୍ତା ପାଇଁ ୮.୦୮ କୋଟି ମଞ୍ଜୁର

■ଆନ୍ତଃ ରାଜ୍ୟ ସଂଯୋଗୀକରଣ
■ଯୋଗଦେଲେ ଦୁଇ ରାଜ୍ୟର ବିଧାୟକ, ନେତୃମଣ୍ଡଳୀ

ଜଳେଶ୍ୱର,୧୯।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ଉପାନ୍ତ ଗ୍ରାମ ସହିତ ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲା ମୋହନପୁର ସହିତ ଗମନାଗମନ ବିକାଶ ଲାଗି ମୁଖ୍ୟମନ୍ତ୍ରୀ ଆନ୍ତଃ ରାଜ୍ୟ ସଂଯୋଗୀକରଣ ଯୋଜନା ପାଣ୍ଠିରୁ ୮କୋଟି ୮ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଫଳରେ ଉପାନ୍ତରେ ଦୁଇ ରାଜ୍ୟର ବିକାଶ ଘଟିବ ବୋଲି ଦୁଇ ରାଜ୍ୟର ବିଧାୟକମାନେ ମତବ୍ୟକ୍ତ କରିଛନ୍ତି । ଜଳେଶ୍ୱର ନିର୍ବାଚନମଣ୍ଡଳୀ ନେତୁଆ ପଞ୍ଚାୟତ ଅଫିସ୍‌ଠାରୁ ଆଡିନଗା-କମାରଶାଳିଆ ଭାୟା ସେକବଙ୍ଗାଳ ଦେଇ ୩ କି.ମି. ଆନ୍ତଃ ରାଜ୍ୟ ସଂଯୋଗୀକରଣ ରାସ୍ତା ନିର୍ମାଣ ଲାଗି ମଞ୍ଜୁରୀ ମିଳିଛି। ଏହି ଉପଲକ୍ଷେ ନେତୁଆ ପଞ୍ଚାୟତର ସାହାପୁରଠାରେ ଅନୁଷ୍ଠିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ଡ. ବିଜୟ କୁମାର ମହାନ୍ତି ଅଧ୍ୟକ୍ଷତା କରି ଏହି ରାସ୍ତା ଫଳରେ ଦୁଇ ଉପାନ୍ତ ରାଜ୍ୟବାସୀଙ୍କ ଆର୍ଥିକ ସ୍ଥିତି ବୃଦ୍ଧି ପାଇବ ବୋଲି କହିଥିଲେ । ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହି ଯୋଜନାରେ ସମଗ୍ର ରାଜ୍ୟରେ ୩ଟି ରାସ୍ତାକୁ ମଞ୍ଜୁରୀ ଦେଇଥିବା ବେଳେ ସେଥିମଧ୍ୟରୁ ଏହା ଗୋଟିଏ ବୋଲି କହିଥିଲେ । ଓଡ଼ିଶା ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳର ବିକାଶ ଲାଗି ୭୦-୭୫ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଛନ୍ତି। ଅଗାମୀ ଦିନରେ ପଶ୍ଚିମବଙ୍ଗ ପରି ଓଡ଼ିଶାରେ ମଧ୍ୟ 'ଖେଳା' ଆରମ୍ଭ ହେବାକୁ ଯାଉଥିବା ସେ କହିଥିଲେ। ପଶ୍ଚିମ ମେଦିନୀପୁର ଜିଲାର ଦାନ୍ତୁନ ବିଧାୟକ ବିକ୍ରମ ପ୍ରଧାନ ଓଡିଶାର ବିକାଶ ବିଜୁ ବାବୁ ଓ ନବୀନ ପଟ୍ଟନାୟକଙ୍କ ସମୟରେ ସମ୍ଭବ ହୋଇଥିବା କହିଥିଲେ। ଆଞ୍ଚଳିକ ପରିବହନର ବିକାଶ ବିନା ସାମଗ୍ରିକ ବିକାଶ ଅସମ୍ଭବ ବୋଲି କହି ଆଗାମୀ ଦିନରେ ଏହି ରାସ୍ତା ସହିତ ପଶ୍ଚିମବଙ୍ଗପଟୁ ସଂଯୋଗ କରାଯିବ ବୋଲି କହିଥିଲେ। ସଭାରେ ପଶ୍ଚିମବଙ୍ଗର ବିଦ୍ୟାସାଗର କେନ୍ଦ୍ରୀୟ ବ୍ୟାଙ୍କ ଅଧ୍ୟକ୍ଷ ପ୍ରଦୀପ ପାତ୍ର, ଦାନ୍ତୁନ ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାସ, ସାମାଜିକ କର୍ମୀ ଶରତ ଚନ୍ଦ୍ର ପରିଡା, ନେତୁଆ ସରପଞ୍ଚ ମମତା ହୁଇ ଯୋଗଦେଇ ତାଙ୍କର ବହୁ ଦିନର ଆଶା ସଫଳ ହେବାକୁ ଯାଉଥିବା କହିଥିଲେ । ମଞ୍ଚରେ ପଶ୍ଚିମବଙ୍ଗରୁ ଆସିଥିବା ଚନ୍ଦନ ବେରା, ନବକୁମାର ମହାପାତ୍ର, ରାଜୀବ ମହାନ୍ତି, ଭାଗବତ ଦାସ ଓ ନେତୁଆ ପଞ୍ଚାୟତରୁ କରୁଣାକର ପାତ୍ର, ଭୂପତି ମିର୍ଦ୍ଧା, ଅନାଦି ଦାସ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ସୁକୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।


ଶିଳାନ୍ୟାସ ଉତ୍ସବରେ ଓଡ଼ିଶା ଓ ପଶ୍ଚିମବଙ୍ଗର ବିଧାୟକ।

## ସଂକ୍ଷେପରେ

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

ବସ୍ତା,୧୯।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ବସ୍ତା ବ୍ଲକ କୁଳିଦା ପଞ୍ଚାୟତ ଗୁଡ଼ିଖାଲ ଉପନଦୀ ସମୂହର ବିକାଶ ପାଇଁ ୩କୋଟି ୩୮ଲକ୍ଷ ୭୮ହଜାର ଟଙ୍କାରେ ହେବାକୁ ଥିବା ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ କରିଛନ୍ତି ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର। ଗୁଡ଼ିଖାଲ ଉପନଦୀର ୪ କି.ମି. ପୁନରୁଦ୍ଧାର, ୩ ପୋଲ, ଗୋଟିଏ କଲଭର୍ଟ ଓ ୩୨୦ ମିଟର ଗାର୍ଡୱାଲ ଆଦି ନିର୍ମାଣ ଏହି ପ୍ରକଳ୍ପ ଗୁଡ଼ିକରେ ଅନ୍ତର୍ଭୁକ୍ତ ରହିଛି। କାର୍ଯ୍ୟକ୍ରମରେ କୁଳିଦା ପଞ୍ଚାୟତ ବିଜେଡି ସଭାପତି ଗୋପାଳ ସେନାପତି, ସରପଞ୍ଚ ସୁନିଲ କୁମାର ସେନାପତି, ସମିତି ସଭ୍ୟ ଦାମୋଦର ପ୍ରଧାନ, ଜିଲାପରିଷଦ ସଦସ୍ୟ ଶମ୍ଭୁନାଥ ସେଠୀ ଉପସ୍ଥିତ ଥିଲେ।

### ଦେଓଝରଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ଯୋଡ଼ା, ୧୯।୧୨ (ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ତଥା ଦେଓଝର ପଞ୍ଚାୟତର ବାସିନ୍ଦାଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷ୍ୟ ନେଇ ଟାଟା ଷ୍ଟିଲ ସାମାଜିକ ଦାୟିତ୍ୱବୋଧ ଶାଖା ପକ୍ଷରୁ ରବିବାର ଏକ ଉନ୍ନତ ଧରଣର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପିତ କରାଯାଇଛି। ସରପଞ୍ଚ ମଙ୍ଗଳ ମୁଣ୍ଡା, ସମିତି ସଦସ୍ୟ ଯୁଧୀଷ୍ଠିର ପଲେଇ, ଟାଟା ଷ୍ଟିଲ ମହାପ୍ରବନ୍ଧକ ଅତୁଲ ଭଟ୍ଟନାଗର, ଯୋଡ଼ା ଡାକ୍ତରଖାନା ମୁଖ୍ୟ ଡାକ୍ତର ସୁଚିସ୍ମିତା ଦାସ ଓ ଟାଟା ଷ୍ଟିଲ ସାମାଜିକ ଦାୟିତ୍ୱବୋଧ ମୁଖ୍ୟ ଅନିଲ ଓରାଓଁଙ୍କ ଉପସ୍ଥିତିରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି । ଡାକ୍ତରୀ ପରାମର୍ଶ ବ୍ୟତୀତ ରୋଗୀଙ୍କୁ ମାଗଣାରେ ଔଷଧ ମଧ୍ୟ ବିତରଣ କରାଯିବ। ଏହି ଅବସରରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ବୀର ନାଏକ, ଅବସରପ୍ରାପ୍ତ ଅବକାରୀ ଡେପୁଟି କମିଶନର୍ ବେଣୁ ମାଧବ ନାଏକ, ଅଂଶେଇକଳା ସରପଞ୍ଚ ଦିଲ୍ଲୀପ କୁମାର ନାଏକ, ସାମାଜିକ କର୍ମୀ ତ୍ରିଲୋଚନ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

### ଆଡ଼ିଆରେ ସ୍ମୃତି ସଭା

ବନ୍ତ,୧୯।୧୨(ସ୍ୱ.ପ୍ର.)-ଧାର୍ମିକ, ଆଧାତ୍ମିକ ଜ୍ଞାନ ସହ ଜ୍ୟୋତିଷ ଶାସ୍ତ୍ରରେ ବାବାଜୀ ନାୟକ ପ୍ରବୀଣ ଥିଲେ ବୋଲି ତାଙ୍କ ଦ୍ୱାଦଶ କ୍ରିୟା ଅବସରରେ ରବିବାର ବନ୍ତ ବ୍ଲକ ଆଡ଼ିଆରେ ଅନୁଷ୍ଠିତ ସ୍ମୃତିସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। କବି କୀର୍ତ୍ତନ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବକ୍ତା ଆତ୍ମଜ୍ଞାନ ପ୍ରବଚକ ବାଇଧର ମୁନି, ସାହିତ୍ୟିକ ସୁବୋଧ କୁମାର ସାହୁ, ଶିକ୍ଷାବିତ୍ ଲମ୍ବୋଦର ସାହୁ, ସସ୍ମିତା ସେଠୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ। କବି ଦାଶରଥି ଯେନା ଅତିଥି ପରିଚୟ ଦେଇଥିଲେ। ଜଗବନ୍ଧୁ ନାୟକ, ସୁଧାକର ନାୟକ, ରମାମଣି ନାୟକ ଓ ପୁଷ୍ପଲତା ନାୟକ ସହଯୋଗ କରିଥିଲେ।

### 'ଶୁଭଶଙ୍ଖ'ର ନୂତନ ଲୋଗୋ ଉନ୍ମୋଚିତ

ବାରିପଦା ଅଫିସ,୧୯।୧୨-ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଶୁଭଶଙ୍ଖ ସାହିତ୍ୟ ଅନୁଷ୍ଠାନର ନୂତନ ଲୋଗୋ ଉନ୍ମୋଚନ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ଲୋଗୋ ଉନ୍ମୋଚନ ଉତ୍ସବ ଅବସରରେ ଶୁଭଶଙ୍ଖର ସଭାପତି ଡ. ତରୁଣ କୁମାର ଓଝା, ଉପଦେଷ୍ଟା ଡ. ଶ୍ୟାମସୁନ୍ଦର ଦାସ, ବିଶିଷ୍ଟ ସାମାଜିକ କର୍ମୀ ଡ. ଆଦିତ୍ୟ ପଟ୍ଟନାୟକ ଏବଂ ଅନୁଷ୍ଠାନର ସମ୍ପାଦକ ସଞ୍ଜୟ କୁମାର ଚୌଧୁରୀ ଉପସ୍ଥିତ ଥିଲେ।

## 'ଶିକ୍ଷାର ଘରୋଇକରଣ ବିରୋଧରେ ଏକାଠି ହୁଅ'

ଭଦ୍ରକ ଅଫିସ, ୧୯।୧୨

ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍ଏଫ୍)ର ଜିଲା ସମ୍ମିଳନୀ ଶିକ୍ଷା ବଞ୍ଚାଅ-କ୍ୟାମ୍ପସ ବଞ୍ଚାଅ-ଭାରତ ବଞ୍ଚାଅ ସଂକଳ୍ପ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଭଦ୍ରକ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରନେତା ମନୋରଞ୍ଜନ ରାଉତ, ସୁଜାତା ପଣ୍ଡା ଓ ସ୍ମୃତି ରଞ୍ଜନ ପଣ୍ଡାଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ରାଜ୍ୟ ସଭାପତି ଡା. ପ୍ରଶାନ୍ତ ମିଶ୍ର ଏଆଇଏସ୍ଏଫ୍‌ର ପତାକା ଉତ୍ତୋଳନ କରି ଶିକ୍ଷାର ଘରୋଇକରଣ ବିରୋଧରେ ଛାତ୍ର ସମାଜ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସଭାପତି ସଂଘମିତ୍ରା ଜେନା ସମ୍ମିଳନୀକୁ ଉଦ୍‌ଘାଟନ କରିଥିବା ବେଳେ ଜିଲା ଆବାହକ ତଥା ରାଜ୍ୟ ସମ୍ପାଦକ କାହ୍ନୁଚରଣ ପରିଡ଼ା ସାଙ୍ଗଠନିକ ଅଭିବୃଦ୍ଧି ବିବରଣୀ ଉପସ୍ଥାପନ କରିଥିଲେ। ୨୩ ଜଣିଆ ପ୍ରତିନିଧି ଜିଲା ପରିଷଦ ପାଇଁ ନିର୍ବାଚନ କରାଯାଇଥିଲା।

## ଜିଲା କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ସମ୍ମିଳନୀ


ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଉଛି।

ବାଲେଶ୍ୱର ଅଫିସ,୧୯।୧୨

ବାଲେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ସହର ସ୍ଥିତ ମୋତିଗଞ୍ଜରେ ଥିବା ରାଜୀବ ଭବନ ପରିସରରେ ଶନିବାର ପର୍ଯ୍ୟବେକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା ସଭାପତିତ୍ୱ କରିଥିଲେ। ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଶୋକ ଦାସ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ ସମ୍ପର୍କିତ ରଣନୀତି ସମ୍ପର୍କରେ କର୍ମୀ ଓ ନେତୃତ୍ୱଙ୍କୁ ପରାମର୍ଶ ଦେଇଥିଲେ। ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ପିସିସି ମୁଖପାତ୍ର ସୁଦର୍ଶନ ଦାସ ଯୋଗଦେଇଥିଲେ। ପିସିସି ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲା କଂଗ୍ରେସ ଲିଗାଲ ସେଲ୍ ସଭାପତି ସତ୍ୟ ସୁନ୍ଦର ଦାସ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ରାଜ୍ୟ ଏଆଇଡ଼ବ୍ଲୁସିର ଉପସଭାପତି ଜ୍ୟୋତ୍ସ୍ନା ସେନାପତି, ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଜିଲା ଏସ୍‌ସି ସେଲ୍ ସଭାପତି ପ୍ରତାପ ଚନ୍ଦ୍ର ସେଠୀ, ରାଜ୍ୟ ଆଇଏନ୍‌ଟିୟୁସିର ସମ୍ପାଦିକା ବାସନ୍ତୀ ସାମଲ ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ସମ୍ପର୍କିତ ରଣନୀତି ଆଲୋଚନା କରିଥିଲେ। ଜିଲା କଂଗ୍ରେସର ବିଭିନ୍ନ ବ୍ଲକ କଂଗ୍ରେସ ସଭାପତି ସମ୍ମିଳନୀରେ ଯୋଗଦେଇଥିଲେ।

## ସମସ୍ୟା ସମାଧାନ ଲାଗି ମନ୍ତ୍ରୀଙ୍କୁ ଦାବିପତ୍ର

ଖଇରା,୧୯।୧୨(ଡି.ଏନ.ଏ.)

ଓଡ଼ିଶାରେ ଖବରଦାତାମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ପାଇଁ ଶୁକ୍ରବାର ବିଭିନ୍ନ ସାମ୍ବାଦିକ ସଙ୍ଗଠନ ତରଫରୁ ସୂଚନା ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସହ ମନ୍ତ୍ରୀ ଦାସ ଖଇରା ମହାବିଦ୍ୟାଳୟ ଆସିଥିବା ଅବସରରେ ସଂଘର କର୍ମକର୍ତ୍ତାମାନେ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏଥିମଧ୍ୟରେ ଖବରଦାତାଙ୍କ ସ୍ୱାସ୍ଥ୍ୟ ବୀମା ଖର୍ଚ୍ଚ ୨ଲକ୍ଷରୁ ୫ଲକ୍ଷକୁ ବୃଦ୍ଧି, ଅଧିସ୍ୱୀକୃତି କମିଟି ବୈଠକ ନିୟମିତ ଡାକିବା, ଖବରଦାତାଙ୍କ ପାଇଁ ପେନସନ ବ୍ୟବସ୍ଥା, ଜିଲା ଓ ବ୍ଲକ ସ୍ତରରେ ସାମ୍ବାଦିକ ସଂଘ ପାଇଁ ସରକାରୀ ଜମି ପ୍ରଦାନ, ରେଳଯାତ୍ରାରେ ଥିବା ସୁବିଧା ପୁନଃ ପ୍ରଚଳନ, ଖବରଦାତାଙ୍କ ପାଇଁ ଗୃହ, ଗାଡ଼ି ଋଣ ପ୍ରକ୍ରିୟାକୁ ସରଳୀକରଣ କରିବା, ନିୟମିତ ବ୍ୟବଧାନରେ ବିଭାଗ ପକ୍ଷରୁ ଖବରଦାତାଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରିବା ଆଦି ଦାବି ସମ୍ପର୍କରେ ଖବରଦାତାମାନେ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଓୟୁଜେ ବାଲେଶ୍ୱର ଜିଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ଅନାମ ଚରଣ ପଣ୍ଡା, ଉତ୍କଳବନ୍ଧୁ ପଣ୍ଡା, ବଳରାମ ଲେଙ୍କା, ଦୟାନିଧି ମହାପାତ୍ର, କୈଳାସ ଚନ୍ଦ୍ର ଦାସ, ତପୋଧନ ବାରିକ ଓ ସଞ୍ଜୟ କୁମାର ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।


ଖବରଦାତାମାନେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଆଦିବାସୀଙ୍କ ସାମାଜିକ ଓ ଶିକ୍ଷାର ବିକାଶ ନିମନ୍ତେ ପ୍ରସ୍ତୁତି

ଯୋଡ଼ା, ୧୯।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା କେନ୍ଦ୍ରୀୟ ଖେଳ ପଡିଆଠାରେ ରବିବାର ଆଦିବାସୀ ସମ୍ପ୍ରଦାୟର ସର୍ବାଙ୍ଗୀନ ବିକାଶ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଯୋଡା ବ୍ଲକର ୧୯ଟି ପଞ୍ଚାୟତରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ସାମାଜିକ, ସାଂସ୍କୃତିକ ଓ ଶିକ୍ଷା ସଚେତନତା ସୃଷ୍ଟି ନିମନ୍ତେ ଏକ ଜିଲାସ୍ତରୀୟ ଶିବିର ଆସନ୍ତା ୨୮ରେ ହେବ ବୋଲି ସ୍ଥିର କରାଯାଇଛି। ଏଥିରେ କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ ଜିଲା ସମେତ ଝାଡଖଣ୍ଡ,ର ହୋ' ଶିକ୍ଷୟିତ୍ରୀଶିକ୍ଷକ ଏବଂ ବରିଷ୍ଠ ଅତିଥି ଯୋଗ ଦେବା କାର୍ଯ୍ୟକ୍ରମ ରହିଛି ବୋଲି ହୋ' ସମାଜ ମହାସଭା, କେନ୍ଦୁଝର ଜିଲା ସଭାପତି ଗୌରଚନ୍ଦ୍ର ମୁଣ୍ଡା ସୂଚନା ଦେଇଛନ୍ତି। ଏଥିରେ ଶିକ୍ଷୟିତ୍ରୀ ଭାରତୀ ରାଣୀ ମୁଣ୍ଡା, ଜୟନ୍ତୀ ଗାଗରାଇ, ଶିକ୍ଷକ ରାଜେନ୍ଦ୍ର ସାୟା. ଜୟରାମ ପିଙ୍ଗୁଆ ଏବଂ ଆଦିବାସୀ ହୋ' ସମାଜ ମହାସଭାର ଯୋଡା ବ୍ଲକ ସଭାପତି ରାଜେନ ମୁଣ୍ଡା, ଉପ ସଭାପତି ସିତାରୀ ମୁଣ୍ଡା ଉପସ୍ଥିତ ଥିଲେ।

## ବିଜେଡି କର୍ମୀ ବୈଠକ

ଭଣ୍ଡାରିପୋଖରୀ, ୧୯।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତରେ ବିଜେଡି କର୍ମୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବଦ୍ରିନାରାୟଣ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରତିନିଧି ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରୟାସକାନ୍ତି ସାମଲ ଯୋଗ ଦେଇଥିଲେ। ପଞ୍ଚାୟତ ନିର୍ବାଚନ ପାର୍ ହେବା ପାଇଁ ସମସ୍ତ କର୍ମୀ ଏକାଠି ହୋଇ କାର୍ଯ୍ୟ କରିବା ସହ ଦଳ ସମର୍ଥିତ ପ୍ରାର୍ଥୀମାନଙ୍କୁ ବିଜୟୀ ଜିତାଇବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ନେତା ଶରତ ଚନ୍ଦ୍ର ଜେନା, କମଳାକାନ୍ତ ରାଉତ, ମୁକ୍ତିକାନ୍ତ ମହାନ୍ତି, ଜିଲା ପରିଷଦ ସଭ୍ୟ ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ଯୁବନେତା ଉତ୍କଳ କେଶରୀ ମହାନ୍ତି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ରାଉତ, ଯୁବ ବିଜେଡି ଉପସଭାପତି ପ୍ରଣୀତକାନ୍ତ ସାମଲ, କୀର୍ତ୍ତନ ଚରଣ ବୋଇତାଇ, ସୋମନାଥ ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୪ ୱାର୍ଡର ବହୁ ପରିବାର ବିଜେଡିରେ ସାମିଲ ହୋଇଥିଲେ। ପଞ୍ଚାୟତ ନିର୍ବାଚନ ପାଇଁ ବୈଠକରେ ସର୍ବସମ୍ମତି କ୍ରମେ ପ୍ରୟାସକାନ୍ତି ସରପଞ୍ଚ ପ୍ରାର୍ଥୀ ଭାବେ ସୌମ୍ୟ ରଞ୍ଜନ ଜେନା ଓ ସମିତିସଭ୍ୟ ପ୍ରାର୍ଥୀ ଭାବେ ପ୍ରଭୁକଲ୍ୟାଣ ସାମଲଙ୍କ ନାମ ଘୋଷଣା କରିଛନ୍ତି।


ବୈଠକରେ ଯୋଗ ଦେଇଥିବା ବିଜେଡି କର୍ମୀ।

## ଅନଶନରେ ପାଣିପମ୍ପ ଡ୍ରାଇଭର

**୬ବର୍ଷ ହେଲା ମିଳିନି ଦରମା**

ସିମୁଳିଆ, ୧୯।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ କାର୍ଯ୍ୟରତ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ(ଆରଡବ୍ଲ୍ୟୁଏସ୍ଏସ୍)ର ଜଳ ଯୋଗାଣ କର୍ମଚାରୀ(ପମ୍ପ ଡ୍ରାଇଭର)ମାନଙ୍କୁ ଗତ ୬ବର୍ଷ ହେଲା ଦରମା ମିଳିନାହିଁ। ସିମୁଳିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ୧୬ଜଣ ପମ୍ପ ଡ୍ରାଇଭର ନିଜ ପରିବାର ସହିତ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଚଳିତବର୍ଷ ୩ଥର ଏହି ଡ୍ରାଇଭରମାନେ ଅନଶନରେ ବସିଥିଲେ ଓ ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇ ଉଠାଇ ଦିଆଯାଉଥିଲେ ହେଁ ଅଦ୍ୟାବଧି ଦରମା ପ୍ରଦାନ କରାଯାଉନାହିଁ । ଏଥର ପ୍ରତିଶ୍ରୁତି ନୁହେଁ ପୂର୍ଣ୍ଣ ଦରମା ନ ମିଳିଲେ ଆମରଣ ଅନଶନ ଚାଲୁ ରହିବ ବୋଲି ପମ୍ପ ଡ୍ରାଇଭର ସଂଘ ପକ୍ଷରୁ କୁହାଯାଇଛି। ଅନଶନରେ ବସିଥିବା ଶାନ୍ତିଲତା ଦାଶ(୨୪)ନାମ୍ନୀ ଜଣେ ମହିଳା ଅସୁସ୍ଥ ହୋଇପଡିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି ।

## 'କୋଷ୍ଟ କେନାଲ ପୁନରୁଦ୍ଧାର ପାଇଁ ବୃହତ୍ତର ଆନ୍ଦୋଳନ ଲୋଡ଼ା'

ଭୋଗରାଇ,୧୯।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ମାନକୁଣ୍ଡା ଗ୍ରାମଠାରୁ ଭଦ୍ରକ ଜିଲା ମନ୍ତେଇ ନଦୀ ଚାରବାଟିଆ ପର୍ଯ୍ୟନ୍ତ ଲମ୍ବିଥିବା ଓଡ଼ିଶା କୋଷ୍ଟ କେନାଲ ପୋତି ହୋଇପଡ଼ିଛି। ଐତିହ୍ୟ ସମ୍ପନ୍ନ ଏହି କେନାଲର ପୁନରୁଦ୍ଧାର ନିମନ୍ତେ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ସଙ୍ଗଠନ, ଗଣସଙ୍ଗଠନ ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ଗତମାସଠାରୁ ଅଦ୍ୟାବଧି ବାଲେଶ୍ୱର ଓ ଭଦ୍ରକ ଜିଲାରେ ବ୍ୟାପକ ସଚେତନତା, ମାନବଶୃଙ୍ଖଳ, ପଥପ୍ରାନ୍ତ ସଭା କରାଯାଇ ଜନଜାଗରଣ କରାଯାଉଛି। ଓଡ଼ିଶା କୋଷ୍ଟ କେନାଲ ପୁନରୁଦ୍ଧାର ମଞ୍ଚ ଆହ୍ୱାନରେ ବାଲେଶ୍ୱର ଯୁବ ବିକାଶ, ଜଳସମ୍ପଦ ଓ ପରିବେଶ ସୁରକ୍ଷା ସମିତି, କୋଷ୍ଟକେନାଲ ଉନ୍ନତିକରଣ ମଞ୍ଚ ବାସୁଦେବପୁର ସାମିଲ ହୋଇ ଆଗାମୀ କାର୍ଯ୍ୟପନ୍ଥା ଘୋଷଣା କରିବା ସହିତ ଯୁଦ୍ଧକାଳୀନ ଭିତ୍ତିରେ କୋଷ୍ଟ କେନାଲର ପୁନରୁଦ୍ଧାର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରେ ଦାବି କରିଛନ୍ତି।

ଏଭଳି ସ୍ଥିତିରେ ଓଡ଼ିଶା କୋଷ୍ଟ କେନାଲ ମଞ୍ଚ ଡାକରାରେ ରବିବାର ବାଲେଶ୍ୱର ଜିଲା ଭୋଗରାଇ ଥାନା ଛକ ସ୍ଥିତ କମ୍ୟୁନିଟି ସେଣ୍ଟରରେ ବୁଦ୍ଧିଜୀବୀ, ଗଣସଙ୍ଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏକ ସେମିନାର କରାଯାଇ ସମସ୍ତଙ୍କ ସହଯୋଗ ଭିତ୍ତିରେ ବୃହତ୍ତର ଗଣଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦିଆଯାଇଛି। ଏହି ମଞ୍ଚରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଡ. ଅଦ୍ୱୈତ କୁମାର ପାତ୍ର, ଭାଜପା ନେତା ଶୁଭଙ୍କର ମହାପାତ୍ର, ଅଂଶୁମାନ ମହାନ୍ତି, କଂଗ୍ରେସ ନେତା ସୁମନ୍ତ ବେହେରା, ସାମାଜିକ କର୍ମୀ ବିଜୟ କୁମାର ମହାନ୍ତି, ସୁଦର୍ଶନ ଜେନା, ବିଜୟ ସିଂହ ଓ ସିପିଏମ୍ ନେତା ଚିତ୍ତରଞ୍ଜନ ଦାସ ପ୍ରମୁଖ ବହୁ ବୁଦ୍ଧିଜୀବୀ ସାମିଲ୍ ଥିଲେ।

## ବିଜେଡିର ନେତୃତ୍ୱ ସମ୍ମିଳନୀ

ପାଟଣା ,୧୯।୧୨(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀର ଏରେଣ୍ଡେଇ ଠାରେ ରବିବାର ୨୩ ନଂ ଜୋନ ନେତୃତ୍ୱଙ୍କୁ ନେଇ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଯୋଜନା କମିଟି ସଭାପତି ତଥା ବିଧାୟକ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ଉପାଧ୍ୟକ୍ଷା ଲକ୍ଷ୍ମୀ ପ୍ରିୟା ବେହେରା, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଭଞ୍ଜଦେଓ, ସମ୍ପାଦକ ନିରଞ୍ଜନ ତ୍ରିପାଠୀ, ଜିଲା ବିଜେଡି କୃଷକ ସଭାପତି ଦୀପକ ରାଜା, ବିଜେଡି ମହିଳା ସଭାନେତ୍ରୀ ସୁକାନ୍ତି ମହାନ୍ତ, ଜିଲା ପରିଷଦ ସଦସ୍ୟ ସୁରେଶ ଚନ୍ଦ୍ର ନାଏକ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ପ୍ରମୁଖ ସାମିଲ ହୋଇଥିଲେ।

## 'ପ୍ରସ୍ତାବିତ ବନ୍ଦର କାର୍ଯ୍ୟ ତ୍ୱରାନ୍ୱିତ ହେଉ'

**ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜନମଞ୍ଚର ଦାବିପତ୍ର**

ବାଲିଆପାଳ,୧୯।୧୨(ସ୍ୱ.ପ୍ର)

ବାଲେଶ୍ୱର ଜିଲା ଦକ୍ଷିଣ ବାଲିଆପାଳର ସମୁଦ୍ର ଉପକୂଳରେ ପ୍ରସ୍ତାବିତ ବନ୍ଦର ଓ ପେଟ୍ରୋକେମିକାଲ ପ୍ଲାଣ୍ଟ କାର୍ଯ୍ୟକୁ ଅଞ୍ଚଳବାସୀଙ୍କ ସହିତ ବିଭିନ୍ନ ରାଜନୈତିକ ସଙ୍ଗଠନ ଏବଂ ଭିଟାମାଟି ସୁରକ୍ଷା କମିଟିର ସଦସ୍ୟ ବିରୋଧ କରି ଆସୁଛନ୍ତି। ଏହାକୁ ଆଖି ଆଗରେ ରଖି ଶନିବାର ଉତ୍ତର ଓଡ଼ିଶା ଜନ ମଞ୍ଚ ସଭାପତି ବଳରାମ ସାହୁଙ୍କ ନେତୃତ୍ୱରେ ବାଲିଆପାଳ ଜନମଞ୍ଚ ପକ୍ଷରୁ ଶତାଧିକ ବେକାର ଯୁବକ ବନ୍ଦର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜନ ମଞ୍ଚ ପକ୍ଷରୁ ତହସିଲ ଅଫିସ ପରିସରରେ ଆୟୋଜିତ ସଭାରେ ସାହୁ ବକ୍ତବ୍ୟ ଦେଇ ଆଗାମୀ ନୂଆ ବର୍ଷରେ ବନ୍ଦର ସପକ୍ଷରେ ବାଲିଆପାଳ ଜନ ମଞ୍ଚ ପକ୍ଷରୁ ଏକ ବିଶାଳ ରାଲି ବାହାରି ଡଗରା ବେଳାଭୂମିରେ ସମାବେଶ କରାଯିବ ବୋଲି ସୂଚନା ଦେଇଥିଲେ। ଦକ୍ଷିଣ ବାଲିଆପାଳରେ ବନ୍ଦର ହେଲେ ଅଞ୍ଚଳର ରାସ୍ତା ଘାଟ, ସ୍ୱାସ୍ଥ୍ୟସେବା, ଗମନାଗମନର ବିକାଶ ହେବା ସହିତ ବେକାର ଯୁବତୀଯୁବକ ନିଯୁକ୍ତିର ସୁଯୋଗ ପାଇବେ। ଲୋକଙ୍କ ଆର୍ଥିକ ମାନଦଣ୍ଡ ବଢ଼ିବ। ଦିନେ ବାଲିଆପାଳବାସୀ କ୍ଷେପଣାସ୍ତ୍ର ଘାଟି ପ୍ରତିଷ୍ଠା ହେବାକୁ ବିରୋଧ କରି ଭୁଲ୍ କରିଥିଲେ। ଆଉ ସେ ଭୁଲର ପୁନରାବୃତ୍ତି ନ ହେଉ ବୋଲି ଜନମଞ୍ଚର ସଦସ୍ୟମାନେ ମତ ରଖିଥିଲେ।


ଜନ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଜେଏମ୍ଏମ୍ ବୈଠକ

କେନ୍ଦୁଝର, ୧୯।୧୨(ସ୍ୱ.ପ୍ର.)

ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଜିଲା ସଂଗଠନକୁ ସୁଦୃଢ଼ କରିବା ପାଇଁ ଏକ ବୈଠକ ପୂର୍ବତନ ଏମ୍‌ପି ରାମଚନ୍ଦ୍ର ହାଁସଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜିଲାକୁ ରାଜ୍ୟ ସରକାର କରୁଥିବା ଅବହେଳାକୁ ନେଇ ଆଲୋଚନା କରିଛନ୍ତି। ଜିଲା ସଭପତି ପ୍ରମିଳା ହାଁସଦା, ଉପସଭାପତି ଭାବେ ସୁରଜ ମହାପାତ୍ର ଓ ସମରା ଟୁଡୁ, ସାଧାରଣ ସମ୍ପାଦକ ଭାବେ ଚିତ୍ତରଞ୍ଜନ ମହାନ୍ତ, ସୁରେନ୍ଦ୍ର ସୋରେନ, ସମ୍ପାଦକ ଭାବେ ଗଣପତି ମହାନ୍ତ, ଭୁବନେଶ୍ୱର ମହାନ୍ତ, ପ୍ରସନ୍ନ ଦାସ ଓ ମହିଳା ମୋର୍ଚ୍ଚା ଜିଲା ସଭାପତି ଭାବେ ଚନ୍ଦ୍ରମଣୀ ସିଂଙ୍କ ନାମ ଘୋଷଣା କରାଯାଇଛି।

## ଅଧିକ ଦାମରେ ବସ୍ତା କିଣୁଛନ୍ତି ଚାଷୀ

**ଚମ୍ପୁଆରେ ଧାନ ବସ୍ତାର କୃତ୍ରିମ ଅଭାବ**

ଚମ୍ପୁଆ,୧୯।୧୨(ଡି.ଏନ.ଏ)

ଧାନ ଅମଳ ପ୍ରାୟ ୯୯ ଭାଗ ଶେଷ ହୋଇଯାଇଥିବା ବେଳେ ଚାଷୀ ପାଇଁ ଏବେ ଚିନ୍ତାର କାରଣ ପାଲଟିଛି ବସ୍ତା। ଧାନ ସାଇତି ରଖିବା ହେଉ କି ବିକ୍ରିପାଇଁ ହେଉ ବସ୍ତାର ଆବଶ୍ୟକତା ରହୁଥିବା ବେଳେ ଏହାର ଅହେତୁକ ଦର ବୃଦ୍ଧି ପାଇଛି। ଚମ୍ପୁଆରେ ଏହି ବସ୍ତାର ଅଭାବ ପରିଲକ୍ଷିତ ହେଉଥିବା ବେଳେ ଚାଷୀ ଝାଡଖଣ୍ଡ ଅଞ୍ଚଳରୁ ଅଧିକ ଦାମ ଦେଇ ବସ୍ତା କିଣୁଥିବା ଅଭିଯୋଗ କରୁଛନ୍ତି।

ସୂଚନା ଅନୁସାରେ ଧାନ କିଣା ବିକା ପାଇଁ ଅଖା ଏକ ପ୍ରମୁଖ ମାଧ୍ୟମ। ଏଥିରେ ଧାନ ରଖାଗଲେ ଧାନର ଆର୍ଦ୍ରତା ପ୍ରାୟ କମିଯାଉଥିବା ବେଳେ ଧାନର ସୁରକ୍ଷା ବଢିଥାଏ। ଏହି ଦୃଷ୍ଟିକୋଣରୁ ମିଲର ଠାରୁ ଆରମ୍ଭ କରି ଚାଷୀମାନେ ଅଖାକୁ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଚମ୍ପୁଆରେ ଏହାର ଅଭାବ ଦେଖାଦେଇଥିବା ବେଳେ ୫ରୁ ୧୦ ଟଙ୍କାରେ ମିଳୁଥିବା ଅଖା ବର୍ତ୍ତମାନ ୩୫ ରୁ ୪୦ ଟଙ୍କାରେ ମିଳୁଛି। ବାଧହୋଇ ଚାଷୀ ଅଧିକ ଦରରେ କିଣି ଶୋଷଣର ଶିକାର ହେଉଛନ୍ତି। ଏନେଇ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦିଗାମ୍ବର ପ୍ରଧାନ କହିଛନ୍ତି, ଚାଷୀ ମଣ୍ଡିକୁ ଯେଉଁ ବସ୍ତାରେ ଧାନ ଆଣିବେ ତାହା ଗ୍ରହଣ କରାଯିବ।



